◆ ADVT ◆
ଏଠାରେ ବିଜ୍ଞାପନ
98700 06472 · need24.digital

NEED24 NEWS
हर ख़बर, हर शहर

ନୀଡ 24 ନ୍ୟୁଜ୍

ପ୍ରତ୍ୟେକ ଖବର, ପ୍ରତ୍ୟେକ ସହର

◆ ADVT ◆
ଏଠାରେ ବିଜ୍ଞାପନ
98700 06472 · need24.digital

DIGITAL E-PAPER

PRGI APPLICATION UNDER PROCESS
Application No. T/GJ/2026/0619/2304/1577

GST
GSTIN 24CINPG0564Q1ZT

UDYAM REGISTERED
UDYAM-GJ-14-0003714

◆ DIGITAL NEWS NETWORK ◆
ଭାରତର ବିଶ୍ୱସ୍ତ ବହୁଭାଷୀ ଡିଜିଟାଲ ନ୍ୟୁଜ ନେଟୱର୍କ
11+ Languages | 24×7 Live | e-Paper Daily

ଆମ App ଡାଉନଲୋଡ କରନ୍ତୁ
Download on the App Store
GET IT ON Google Play

www.need24.digital
info@need24.in
+91 98700 06472
FOLLOW US:

तेज़ | सटीक | निष्पक्ष | जनहित में | सच की आवाज़ | जन-जन की आवाज़ | निडर पत्रकारिता

ODISHA | ନୀଡ 24 ନ୍ୟୁଜ୍ · ପ୍ରତ୍ୟେକ ଖବର, ପ୍ରତ୍ୟେକ ସହର | 19 November 2026

ପି ଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ।



କଳାହାଣ୍ଡି :-କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଚିଚୈଗୁଡା ଠାରେ ଗତ ୧୭ ତାରିଖ ଦିନ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା l ଉକ୍ତ ଉତ୍ସବରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ଶକ୍ତି ପ୍ରସାଦ ମେହେର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ଓ କୁଇଜ .ପ୍ରତିଯୋଗିତାରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ କୁ କଳାହାଣ୍ଡି ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଶ୍ରୀମତୀ ସୁଧୀରା ମେହେର ଓ ସ୍ଥାନୀୟ ସରପଞ୍ଚ ପରମେଶ୍ୱର ମେହେର ଉଦଘାଟନ କରିଥିଲେ। ଉଦ୍ଘାଟନ ପରେ ପ୍ରଦର୍ଶିତ ସମସ୍ତ ୨୬ ଗୋଟି ପ୍ରକଳ୍ପ ପରିଦର୍ଶନ କରି ଛାତ୍ର ଛାତ୍ରୀ ଓ ମାର୍ଗଦର୍ଶକ ଶିକ୍ଷକ ଶ୍ରୀ ଘନ କୁମାର ,ଶ୍ରୀ ବିକାଶ ସା ସହ ଅନ୍ୟ ସହଯୋଗୀ ମାନଙ୍କୁ ପ୍ରଶଂସା କରିଥିଲେ । ଏହି ପ୍ରକଳ୍ପ ର ମୂଲ୍ୟାୟନ କରିଥିଲେ ବିଜ୍ଞାନ ଶିକ୍ଷକ ଶ୍ରୀ ସୁଧାଂଶୁ ଶେଖର ପଣ୍ଡା ଓ ଶ୍ରୀ ସୁଶୀଲ କୁମାର ନାଗ ।

ଅପରାହ୍ନରେ ଉଦଯାପନୀ ଉତ୍ସବରେ ଜୁନାଗଡ଼ ଗୋଷ୍ଠି ଶିକ୍ଷାଧିକାରୀ ଶ୍ରୀ ଯୁକ୍ତ ତପନ ମାଝୀ ଓ ଧର୍ମଗଡ ଗୋଷ୍ଠି ଶିକ୍ଷାଧିକାରୀ ଶ୍ରୀଯୁକ୍ତ ନେପାଳ ବାଗ,ଅତିରିକ୍ତ ଗୋଷ୍ଠି ଶିକ୍ଷାଧିକାରୀ ଶ୍ରୀଯୁକ୍ତ କ୍ଷୀରୋଦ କୁମାର ଭୋଇ , ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅଜୟ କୁମାର ମେହେର,ବରିଷ୍ଠ ବିଜ୍ଞାନ ଶିକ୍ଷକ ସୁଧୀର ମେହେର ଉପସ୍ଥିତ ଥିଲେ । କୃତି ଛାତ୍ର ଛାତ୍ରୀ ମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରା ଯାଇଥିଲା। ଶେଷରେ ଶିକ୍ଷୟତ୍ରୀ ସୁମୁଖୀ ମେହେର ଙ୍କ ତତ୍ତାବଧାନରେ ଛାତ୍ର ଛାତ୍ରୀଙ୍କ ମାନଙ୍କ ଦ୍ବାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସଭାକାର୍ଯ୍ୟ ଟିକୁ ବରିଷ୍ଠ ଶିକ୍ଷକ ଶ୍ରୀ ପ୍ରେମଲାଲ ବାଗ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସମ୍ପୁର୍ଣ୍ଣ ସହଯୋଗ କରିଥିଲେ।

— Dulendra Kumar Meher

ବାତ୍ୟା ଅକଭନ କୁ ଆଖି ଆଗରେ ରଖି ବାଲିମେଳା ଜଳଭଣ୍ଡାର ର ଖୋଲିଲା ଦୁଇଟି ଗେଟ l




ଚିତ୍ରକୋଣ୍ଡା (୧୮/୧୧) - ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସଦର ମହକୁମାକୁ ଲାଗି ରହିଛି ବାଲିମେଳା ଜଳଭଣ୍ଡାର। ୬୫ କିଲୋମିଟର ପରିମିତ ଅଞ୍ଚଳରେ ବ୍ୟାପିଛି ଏହି ଜଳଭଣ୍ଡାର। ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣା କ୍ଷମତା ରହିଛି ୧୫୬୧ ଫୁଟ। ବର୍ତମାନ ଜଳସ୍ତର ରହିଛି ୧୫୦୭.୪୧। ଆଗକୁ ବାତ୍ୟା ଅକଭାନ ପ୍ରଭାବରେ ଅଧିକ ବର୍ଷା ଆଶଙ୍କାରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପୂର୍ବରୁ ଜଳଭଣ୍ଡାରର ଜଳସ୍ତରକୁ ସ୍ଥିର ରଖିବା ପାଇଁ ଗତ କାଲି ରାତି ଦଶଟାରେ ଚିତ୍ରକୋଣ୍ଡା ଜଳଭଣ୍ଡାରରୁ ଦୁଇଟି ରେଡ଼ିଇଲ ଗେଟ ଓ ଦୁଇଟି ସଲୁଇସ ଗେଟ ଯୋଗେ ପ୍ରତି ସେକେଣ୍ଡରେ ୧୦୫୦୦ କ୍ୟୁସେକ ଜଳ ନିଷ୍କାସନ କରାଯାଉଥିବା ବେଳେ ଆଜି ସକାଳରୁ ଆଉ ଦୁଇଟି ରେଡ଼ିଆଲ ଗେଟ ଖୋଲା ଯାଇଛି l

ଚିତ୍ରକୋଣ୍ଡା ମାଟିବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କୈଳାସ ଚନ୍ଦ୍ର ସେଠୀଙ୍କ ସୂଚନା ଅନୁଯାୟୀ ବର୍ତମାନ ଦୁଇଟି ସଲୁଇସ ଗେଟ ବନ୍ଦ କରାଯାଇ ଚାରୋଟି ରେଡ଼ିଏଲ ଗେଟ ଯୋଗେ ସମୁଦାୟ ୨୪୫୦୦ କ୍ୟୁସେକ ଜଳ ଜଳଭଣ୍ଡାରରୁ ନିଷ୍କାସନ କରାଯାଉଛି। ଆଗକୁ ବର୍ଷାର ପ୍ରଭାବ ଓ ଜଳଭଣ୍ଡାର ଭିତରକୁ ପ୍ରବେଶ କରୁଥିବା ଜଳପ୍ରଭାବକୁ ଦୃଷ୍ଟିରେ ରଖି ଅଧିକ ଗେଟ ଖୋଲାଯିବ ନା ନାହିଁ ନିର୍ଣ୍ଣୟ ନିଆଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି। ଜଳଭଣ୍ଡାର ଗେଟ ଖୋଲାଯିବା ସମୟରେ ବାଲିମେଳା ବନ୍ଧ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ କୈଳାସ ଚନ୍ଦ୍ର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାର ରଞ୍ଜନ ଖୁଣ୍ଟିଆ ଓ କନିଷ୍ଠ ଯନ୍ତ୍ରୀ ଜ୍ୟୋତି ଟପନୋ, ବିଭୂତି ବେହେରା ଉପସ୍ଥିତ ଥିଲେ l

— DHARMENDRA ROUT

NEED24 NEWS



NEED24 NEWS | ଆଜିର ଝାରସୁଗୁଡ଼ା ଖବର

18 ନଭେମ୍ବର 2026, ବୁଧବାର

ନମସ୍କାର ଆଜି ଝାରସୁଗୁଡ଼ା ପାଇଁ ସବୁଠୁ ବଡ଼ ଖବର ବାତ୍ୟା ଅଟେ।

- * ବାତ୍ୟା 'ଅକ୍‌ଭନ୍' ପ୍ରଭାବ:* ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ଯୋଗୁଁ ଓଡ଼ିଶାରେ ଆଜିଠୁ 4 ଦିନ ପ୍ରବଳ ବର୍ଷା ହେବ।

- *⚠ ଝାରସୁଗୁଡ଼ାରେ Orange Alert:* 21 ନଭେମ୍ବରରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ନୂଆପଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ IMD ସତର୍କ କରିଛି।

- * ସରକାର ହାଇ ଆଲର୍ଟରେ:* ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଜିଲ୍ଲାପାଳଙ୍କ ସହ ବୈଠକ କରି ଭୂସ୍ଖଳନ ପ୍ରବଣ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ହେଲିକପ୍ଟର ପ୍ରସ୍ତୁତ ରଖାଯାଇଛି।


- * ମତ୍ସ୍ୟଜୀବୀଙ୍କୁ ମନା:* 18 ରୁ 20 ତାରିଖ ଯାଏଁ ସମୁଦ୍ରକୁ ନ ଯିବାକୁ ନିର୍ଦ୍ଦେଶ, 50-60 କିମି ବେଗରେ ପବନ ବହିବ।

- *✈ ଝାରସୁଗୁଡ଼ା ବିମାନବନ୍ଦର:* ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଖୁବ୍ ଶୀଘ୍ର କାର୍ଗୋ ସେବା ଆରମ୍ଭ ହେବ। e131c618

— Gajindra Munda

NATIONAL

ରାଜନଗର କଣି ଛକ ରେ ସଡ଼କ ଦୃଘଟଣା



ରାଜନଗର କଣି ଛକ ରେ ସଡ଼କ ଦୃଘଟଣା : ଓଲଟିଲା ଟ୍ରାକ୍ଟର ଅଳ୍ପକେ ବର୍ତିଲେ ଚାଳକ

— SARBESWAR MALIK

ନିଡ୍ ୨୪ ନ୍ୟୁଜ୍



ନିଡ୍ ୨୪ ନ୍ୟୁଜ୍ | ବିଶ୍ୱର ହିନ୍ଦୁ ସଂସ୍କୃତି - ସନାତନ ଖବର

୧୮ ନଭେମ୍ବର ୨୦୨୬, ବୁଧବାର

ଆଜିର ୬ଟି ବଡ଼ ସନାତନ ଖବର -

୧. ସାକ୍ଷୀଗୋପାଳରେ ରାଧା ପାଦ ଦର୍ଶନ - ଆଜି:

ପୁରୀ ନିକଟସ୍ଥ ସାକ୍ଷୀଗୋପାଳ ମନ୍ଦିରରେ ଆଜି ଆଂବଳା ନବମୀ ପର୍ବରେ ବର୍ଷକୁ ଥରେ ମା' ରାଧାଙ୍କର ଚରଣ ଦର୍ଶନ ହେଉଛି। ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼, ପ୍ରଭୁ ଗୋପୀନାଥ ନଟବର ବେଶରେ ଦର୍ଶନ ଦେଉଛନ୍ତି।

୨. ପୁରୀରେ ପାଞ୍ଚୁକ ପାଇଁ ବିଶେଷ ବ୍ୟବସ୍ଥା:

ଶ୍ରୀମନ୍ଦିରରେ ପାଞ୍ଚୁକ ସମୟରେ ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରିବେ। ସକାଳେ ୪ଟା ବେଳେ ଦ୍ୱାରଫିଟା ପାଇଁ

୩. ସିରୁଳି ମହାବୀର - ଅନୋଖା ହନୁମାନ:

ପୁରୀରୁ ୨୪ କି.ମି. ଦୂରରେ ଥିବା ସିରୁଳି ମହାବୀର ମନ୍ଦିର ଏବେ ଚର୍ଚ୍ଚାରେ। ୧୦ ଫୁଟର ହନୁମାନ ଙ୍କ ଗୋଟିଏ ଆଖି ଜଗନ୍ନାଥ ଙ୍କ ନୀଳଚକ୍ର ଆଡ଼କୁ ଏବଂ ଅନ୍ୟ ଆଖି ଲଙ୍କା ଆଡ଼କୁ।

୪. ଗୋଣ୍ଡାରେ ରାମ କଥା - ସନାତନ ଜାଗରଣ:

ବାବା ବାଗେଶ୍ୱର ଏବଂ ବାବା ରାମଦେବ କହିଛନ୍ତି - _"ଏହା ଏବେ କେବଳ ଟ୍ରେଲର, ଚିତ୍ର ବାକି ଅଛି। ଆମର ସନାତନ ପ୍ରତିଦିନ ଜାଗ୍ରତ ଅବସ୍ଥାରେ ଅଛି।"_

୫. କୋଲକାତାରେ ସନାତନ ଲହର:

୫ ଲକ୍ଷ ଲୋକ ଏକତ୍ର ହୋଇ ହନୁମାନ ଚାଲୀସାର ପାଠ କରିଥିଲେ। ଏବେ ୧୦ ଲକ୍ଷ ଲୋକଙ୍କ ପାଇଁ ଗୀତା ପାଠର ଘୋଷଣା ହୋଇଛି।

୬. ଛଠ ମହାପର୍ବ - ସନାତନ ଆତ୍ମା:


ସୂର୍ଯ୍ୟ ଉପାସନାର ମହାପର୍ବ ଛଠ ପର୍ବ ପୃଥିବୀକୁ ଦେଖାଇ ଦେଲା - ସନାତନ କେବଳ ପୂଜା ନୁହେଁ, ପ୍ରକୃତି ପ୍ରତି କୃତଜ୍ଞତା।

> ଓଡ଼ିଶାର ଜଗନ୍ନାଥ ସଂସ୍କୃତିଠାରୁ ବିଶ୍ୱର ସନାତନ ପର୍ଯ୍ୟନ୍ତ - ଧର୍ମ, ସଂସ୍କୃତି ଏବଂ ସଂସ୍କାର ହିଁ ଆମର ପରିଚୟ।

_ ଓମ୍ ତତ୍ସତ୍ _

— Gajindra Munda

*NEED24 NEWS



NEED24 NEWS | ଆଜିର ଓଡ଼ିଶା ଖବର

18 ନଭେମ୍ବର 2026, ବୁଧବାର

ଆଜି ଓଡ଼ିଶାର 5ଟି ବଡ଼ ଖବର:

- * ବାତ୍ୟା 'ଅକ୍‌ଭନ୍' - ସବୁଠୁ ବଡ଼ ଖବର:* ବାତ୍ୟା ଆଜି ସନ୍ଧ୍ୟାରେ ଭୀଷଣ ବାତ୍ୟା ହେବ, 20 ତାରିଖ ମଧ୍ୟାହ୍ନରେ ଆନ୍ଧ୍ର ନେଲ୍ଲୋର-ଚୁନି ମଧ୍ୟରେ ଲ୍ୟାଣ୍ଡଫଲ୍ କରିବ। ପବନ 120-130 କିମି, ଝଟକା 145 କିମି। ଓଡ଼ିଶାରେ 18-21 ଯାଏଁ ପ୍ରବଳ ବର୍ଷା।

- * 74 ଟିମ୍ ମୁତୟନ:* ସରକାର 60 ODRAF + 14 NDRF ଟିମ୍ ଲଗାଇଛନ୍ତି। ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରିରେ ସ୍ଥାନାନ୍ତର ଆରମ୍ଭ। ଆଜି ସରକାର 6.5 କୋଟି ଟଙ୍କା ମଞ୍ଜୁର କରିଛନ୍ତି। ମାଲକାନଗିରିରେ 19-20 ସ୍କୁଲ ବନ୍ଦ।


- * ବିଧାନସଭା ଶୀତ ଅଧିବେଶନ ଆଜିଠୁ:* ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପ୍ରଥମ ସପ୍ଲିମେଣ୍ଟାରୀ ବଜେଟ୍ ଉପସ୍ଥାପନ କରିବେ। 5ଟି ବିଲ୍ ଆସିବ। ବିରୋଧୀ ବାତ୍ୟା, ଧାନ କିଣା, କୋଟିଆ ପ୍ରସଙ୍ଗ ଉଠାଇବେ।

- * DA 3% ବଢ଼ିଲା:* ରାଜ୍ୟ କର୍ମଚାରୀଙ୍କ DA 60% ରୁ 63% ହେଲା। ପେନସନଭୋଗୀ ମଧ୍ୟ ଲାଭ ପାଇବେ।

- * 5 ଲକ୍ଷ PMAY ଘର:* ଓଡ଼ିଶାକୁ 5 ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଘର ମିଳିବ। ଆଗରୁ 4 ଲକ୍ଷ ଥିଲା।

— Gajindra Munda


NEED24 NEWS



NEED24 NEWS | ଝାରସୁଗୁଡ଼ା ପୋଲିସ୍ ଖବର

18 ନଭେମ୍ବର 2026

ଝାରସୁଗୁଡ଼ା ପୋଲିସର ବଡ଼ ବଡ଼ ଖବର:



NEED24 NEWS | ଝାରସୁଗୁଡ଼ା ପୋଲିସ୍ ଖବର

18 ନଭେମ୍ବର 2026

ଝାରସୁଗୁଡ଼ା ପୋଲିସର ବଡ଼ ବଡ଼ ଖବର:

- * ସାଇବର ଠକେଇ ରାକେଟ୍ ଧରା:* ଝାରସୁଗୁଡ଼ା ପୋଲିସ୍ "Operation Netra" ରେ 12 ଜଣଙ୍କୁ ଗିରଫ କରିଛି। ଏମାନେ ଗରିବ ଯୁବକଙ୍କୁ 15,000 ଟଙ୍କା ଲୋଭ ଦେଖାଇ mule bank account ଖୋଲାଇ 16.4 ଲକ୍ଷ ଟଙ୍କା ଠକିଥିଲେ। ଏହା ଝାରସୁଗୁଡ଼ା, ସୁନ୍ଦରଗଡ଼, ରାଉରକେଲା, ସୋନପୁର, ସମ୍ବଲପୁର ଯାଏଁ ବ୍ୟାପିଥିଲା।

- * Digital Arrest ରାକେଟ୍:* ଗୁଜରାଟ ସୁରଟରୁ 4 ଜଣଙ୍କୁ ଗିରଫ। ଏମାନେ ଜଣେ ବୃଦ୍ଧଙ୍କୁ digital arrest ଭୟ ଦେଖାଇ 34 ଲକ୍ଷ ଟଙ୍କା ଲୁଟିଥିଲେ। SP ସ୍ମିତ୍ ପି ପରମାର କହିଛନ୍ତି, ଏମାନେ ଏକା ରହୁଥିବା ବୃଦ୍ଧ ଦମ୍ପତ୍ତିଙ୍କୁ ଟାର୍ଗେଟ୍ କରୁଥିଲେ।

- * IPL ବେଟିଂ ଧରା:* ବ୍ରଜରାଜନଗର ଜଗନ୍ନାଥ କଲୋନୀ ଓ ରାମପୁରରେ ଚଢ଼ାଉ କରି 8 ଜଣ ବୁକିଙ୍କୁ ଗିରଫ।


- * ନକଲି DEF କାରଖାନା:* ସିରିଆବାଗିଚାରେ ନକଲି Diesel Exhaust Fluid ବନାଉଥିବା 7-8 ଜଣଙ୍କୁ ଗିରଫ, ବିପୁଳ ମାଲ ଜବତ।

- * ଡକାୟତ ଗ୍ୟାଙ୍ଗ୍ ଧରା:* ସରବାହାଲ, ଲାଇକେରା, ବାଗଡିହିରେ ଲୁଟ୍ କରୁଥିବା 4 ଜଣ ଆନ୍ତଃରାଜ୍ୟ ଡକାୟତ ଗିରଫ, 2 ବନ୍ଧୁକ ଜବତ।

> *ସାବଧାନ ବାର୍ତ୍ତା:* କେହି ପୋଲିସ୍ / CBI କହି ଫୋନ୍ କରି ଟଙ୍କା ମାଗିଲେ, ବିଶ୍ୱାସ କରନ୍ତୁ ନାହିଁ। ତୁରନ୍ତ ଝାରସୁଗୁଡ଼ା ସଦର ଥାନାକୁ ଜଣାନ୍ତୁ।

— Gajindra Munda

NEED24 NEWS



NEED24 NEWS | କୋଲାବିରା ଥାନା ଖବର

18 ନଭେମ୍ବର 2026, ବୁଧବାର

- * କେଲଡ଼ାମାଳ ପୋଖରୀ ଘଟଣା:* କୋଲାବିରା ଥାନା ଅନ୍ତର୍ଗତ କେଲଡ଼ାମାଳ ଗ୍ରାମର ସୁବ୍ରତ ନାଏକଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ମାମଲାରେ କୋଲାବିରା ପୋଲିସ୍ ତଦନ୍ତ କରୁଛି। ଦମକଳ ବାହିନୀ ମୃତଦେହ ଉଦ୍ଧାର କରିଥିଲା।

- * ଜିଲ୍ଲା ପୋଲିସ୍ ହାଇ ଆଲର୍ଟ:* ବାତ୍ୟା 'ଅକ୍‌ଭନ୍' ପାଇଁ ଝାରସୁଗୁଡ଼ା SP ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶରେ କୋଲାବିରା ସମେତ ସବୁ ଥାନାରେ ପାଟ୍ରୋଲିଂ ବଢ଼ାଯାଇଛି।

- * Operation Netra / Cyber Kabuch:* କୋଲାବିରା ଅଞ୍ଚଳରେ ମଧ୍ୟ ସାଇବର ଠକେଇ ପାଇ ପୋଲିସ୍ ଲୋକଙ୍କୁ ସଚେତନ କରୁଛି - ଅଜଣା ଲିଙ୍କ୍, ବ୍ୟାଙ୍କ ଆକାଉଣ୍ଟ ଭଡ଼ା ଦେବା ନୁହେଁ।

- * କୋଲାବିରା ଥାନା:* ଏହା ଝାରସୁଗୁଡ଼ା ଜିଲ୍ଲାର 4ଟି ମୁଖ୍ୟ ଥାନା ମଧ୍ୟରୁ ଗୋଟିଏ - ଝାରସୁଗୁଡ଼ା, ସଦର, ବଡମାଲ, କୋଲାବିରା।

— Gajindra Munda

୪୯ ଦିନରେ ଓଡିଶା ବିଦ୍ୟୁତ ଠିକା କର୍ମଚାରୀମାନେ ବିଧାନସଭା ସାମ୍ନାରେ ପ୍ରଦର୍ଶନ



୪୯ ଦିନ ମଧ୍ୟରେ, ଓଡିଶା ବିଦ୍ୟୁତ ଠିକା କର୍ମଚାରୀମାନେ ମିଳିତ ମଞ୍ଚର ଆୟୋଜନାରେ ବିଧାନସଭା ସାମ୍ନାରେ ପ୍ରଦର୍ଶନ କରିଥିଲେ।

ସେମାନେ ତାଙ୍କର କାମ ଓ ବେତନ ସମ୍ବନ୍ଧୀୟ ଚିନ୍ତାବିଷୟକ ମତାମତ ପ୍ରକାଶ କରି, ଠିକା କର୍ମଚାରୀଙ୍କ ଅଧିକାର ଓ ଭବିଷ୍ୟତ ସୁରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ଚାହିଲେ।

ପ୍ରଦର୍ଶନକୁ ଅଧିକାରୀମାନେ ସାନ୍ତିପୂର୍ଣ୍ଣ ଭାବେ ନରୀକ୍ଷଣ କର, ଭଡ଼ ଏବଂ ଅସୁବଧା ହେବା ରୋକିବା ପାଇଁ ପ୍ରୟାସ କଲେ।

ଏହି ପ୍ରଦର୍ଶନ ଦ୍ୱାରା ବିଦ୍ୟୁତ ଠିକା କର୍ମଚାରୀମାନେ ତାଙ୍କର ଦାବିକୁ ରାଜ୍ୟ ସରକାର ଓ ନିର୍ବାଚିତ ପ୍ରତିନିଧିଙ୍କ ନିକଟରେ ଆଗରୁ ଆଣିଛନ୍ତି, ଯାହା ଭବିଷ୍ୟତରେ ନୀତି ଗଠନରେ ପ୍ରଭାବ ପକାଇପାରେ।

— SAROI KUMAR SAHOO

LOCAL

ପୀୟୂଷ ତ୍ରୀପାଠୀଙ୍କ ବଡ଼ ଅପଡେଟ ଆଜି ପ୍ରକାଶିତ



ପୀୟୂଷ ତ୍ରୀପାଠୀଙ୍କ ବଡ଼ ଅପଡେଟ ଆଜି ଜଣାପଡ଼ିଛି।

ଏହି ଅପଡେଟ ତାଙ୍କର ପୂର୍ବ ଘୋଷଣା ଓ କାର୍ଯ୍ୟକଳାପ ସହିତ ସମ୍ପର୍କିତ ଥିବା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଭାବରେ ଗଣାଯାଉଛି।

ସମ୍ବନ୍ଧିତ ପକ୍ଷଗୁଡ଼ିକ ଏହି ଅପଡେଟ ସମ୍ବନ୍ଧିତ ଅଧିକ ସୂଚନା ଭବିଷ୍ୟତରେ ପ୍ରକାଶ କରିବେ।

— Rabi Narayan Dash

LOCAL

ବରଗଡ଼ SDPO A.B. Shilpa, ରୋଡ୍ ଦୁର୍ଘଟଣା ପରିବାରକୁ ମାନବିକ ସମବେଦନା ଜଣାଇଲେ



ବରଗଡ଼ ଜିଲ୍ଲାର ଗୁରୁଦ୍ୱାରା ଛକ ରାସ୍ତାରେ ହୋଇଥିବା ସଡ଼କ ଦୁର୍ଘଟଣାରେ ମୂରବୀ ନାମକ ବ୍ୟକ୍ତି ମୃତ୍ୟୁ ବରଣ କରି, ତାଙ୍କ ପରିବାର ଅସହାୟ ହୋଇପଡ଼ିଲା। ବରଗଡ଼ SDPO ଆଇପିଏସ୍ ଅଧିକାରୀ A.B. Shilpa, ତୁରନ୍ତ ଘଟଣାସ୍ଥଳକୁ ଯାଇ, ପରିବାର ସହିତ ଦୁଃଖ ସେୟାର କରି, ନିଜ ହାତରେ ସମବେଦନା ଜଣାଇଲେ।

ଅଧିକାରୀ ଖାକି ପୋଷାକ ପଛରେ ଲୁଚିଥିବା ମାନବିକତାର ଏକ ସ୍ପଷ୍ଟ ଉଦାହରଣ ଦେଖାଇ, ପରିବାରଙ୍କୁ ଶୋକ ସମୟରେ ଆଶ୍ୱାସନ ଓ ଆବଶ୍ୟକ ସାହାଯ୍ୟ ପ୍ରଦାନ କଲେ। ତାଙ୍କର ସହଜ ଭାଷା ଓ ଦୟାଳୁ ବ୍ୟବହାର ପରିବାରକୁ କିଛି ଶାନ୍ତି ଦେଇଲା।

ସ୍ଥାନୀୟ ଲୋକମାନେ ଏହି ମାନବିକ କାର୍ଯ୍ୟକୁ ବହୁତ ପ୍ରଶଂସା କଲେ, ଅଧିକାରୀଙ୍କୁ 'ମାନବିକତାର ପଦବୀଠାରୁ ବଡ଼' ବୋଲି ଉଲ୍ଲେଖ କରି, ତାଙ୍କର ଦାୟିତ୍ୱ ପ୍ରତି ଆଦର ବ୍ୟକ୍ତ କଲେ।

ଏହି ପ୍ରକାରର ମାନବିକ ଆଚରଣ ପୋଲିସ ବ୍ୟବସ୍ଥାରେ ଭରସା ବଢ଼ାଇବା ସହିତ, ସମାଜରେ ଆଇନ ଓ କ୍ରମ ପ୍ରତି ଆଶା ବଢ଼ାଇବାର ଦୃଷ୍ଟାନ୍ତ ହିସାବରେ ଦେଖାଯାଉଛି।

— UDDIPTA PRADHAN

ଭକ୍ତିମୟ ପରିବେଶରେ ଗୋପାଷ୍ଟମୀ ଉତ୍ସବ ପାଳିତ



ମାଲକାନଗିରି, ୧୭ ନଭେମ୍ବର : କୁଡୁମୁଲୁଗୁମ୍ମା ତହସିଲ ଅନ୍ତର୍ଗତ ସିରିପେଟା ଗ୍ରାମସ୍ଥିତ ଦୟଣା ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ଆଜି ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଗୋପାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଏହି ପବିତ୍ର ଉତ୍ସବରେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବ୍ଲକର ମହନ୍ତ ବ୍ରଜବନ୍ଧୁ ଦାସ ମହାରାଜଙ୍କ ପୌରୋହିତ୍ୟରେ ବିଧିବିଧାନ ଅନୁଯାୟୀ ଗୋପୂଜନ ଓ ଧାର୍ମିକ ସଂସ୍କାର କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

ଉତ୍ସବରେ ସିରିପେଟା ମନ୍ଦିରର ମୁଖ୍ୟ ପୂଜକ ବ୍ରହ୍ମାନନ୍ଦ ଦାସ, ସହାୟକ ପୂଜକ ହରି ମାଢ଼ୀ, ସମାଜସେବୀ ପଦ୍ମଚରଣ ପଣ୍ଡା, ଭଗବାନ ସାହୁ, ହୃଷୀକେଶ ସେଠୀ ଏବଂ ମୁଖ୍ୟକର୍ତ୍ତା ଭାବେ ଗଣେଶ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗୋମାତାଙ୍କୁ ଜଳସ୍ନାନ କରାଯାଇ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଗୋମାତାଙ୍କୁ ଘାସ, କୁଣ୍ଡା ଓ ଗୁଡ଼ ଖାଇବାକୁ ଦିଆଯାଇଥିଲା। ଶେଷରେ ପଞ୍ଚାମୃତ ପାନ ସହ ଗୋପାଷ୍ଟମୀ ଉତ୍ସବର ପରିସମାପ୍ତି ହୋଇଥିଲା।

ଏହି ଧାର୍ମିକ ଉତ୍ସବରେ ବାପନପାଲ୍ଲୀ, ଗଙ୍ଗଲା, ସରଗୀଗୁଡ଼ା ଓ ସିରିପେଟା ଗ୍ରାମର ୭୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଭକ୍ତ ଯୋଗଦେଇ ଗୋମାତାଙ୍କ ପୂଜାର୍ଚ୍ଚନା କରିବା ସହ ମହନ୍ତ ଓ ଆଚାର୍ଯ୍ୟମାନଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହାଦ୍ୱାରା ସମଗ୍ର ମନ୍ଦିର ପରିସରରେ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

— Sukumar Mandal

କାଲିମେଳା ବନ ବିଭାଗର ବଡ଼ ସଫଳତା, ୫୦ଟି ଭାରତୀୟ ଫ୍ଲାପ୍ସେଲ୍ କଇଁଛ ଉଦ୍ଧାର, ୨ ଅଟକ



ମାଲକାନଗିରି, ୧୭ ନଭେମ୍ବର : ବନ୍ୟଜନ୍ତୁ ଚୋରା ଚାଲାଣ ରୋକିବା ଦିଗରେ କାଲିମେଳା ବନ ବିଭାଗକୁ ମିଳିଛି ଏକ ବଡ଼ ସଫଳତା। ବନ ବିଭାଗର ନିୟମିତ ପାଟ୍ରୋଲିଂ ସମୟରେ ୫୦ଟି ଭାରତୀୟ ଫ୍ଲାପ୍ସେଲ୍ କଇଁଛ ଉଦ୍ଧାର କରାଯିବା ସହ ଏହି ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖାଯାଇଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ୬ଟା ୨୫ ମିନିଟ୍ ସମୟରେ କାଲିମେଳା ସେକ୍ସନର ବନ କର୍ମଚାରୀମାନେ ନିୟମିତ ପାଟ୍ରୋଲିଂ କରୁଥିବା ବେଳେ ଜବାନପାଲ୍ଲୀ-କୋଇମେଟଲା ରାସ୍ତା ନିକଟରେ ଦୁଇ ଜଣଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ।

ଅଟକ ଦୁଇ ଜଣ ହେଲେ ଏମପିଭି-୬୪ ଗ୍ରାମର ଦେବବ୍ରତ ଗାଏନ୍ ଓ ନବଗୋପାଳ ମଣ୍ଡଳ। ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ୫୦ଟି ଭାରତୀୟ ଫ୍ଲାପ୍ସେଲ୍ କଇଁଛ ମିଳିଥିଲା। ଏଥିସହ ବନ୍ୟଜନ୍ତୁ ଚୋରା ଚାଲାଣରେ ବ୍ୟବହୃତ ହେଉଥିବା ଦୁଇଟି ମୋଟରସାଇକେଲକୁ ମଧ୍ୟ ବନ ବିଭାଗ ଜବତ କରିଛି।

ଉଦ୍ଧାର ହୋଇଥିବା କଇଁଛ ଓ ଜବତ ମୋଟରସାଇକେଲ ସହ ଉଭୟ ଅଟକ ବ୍ୟକ୍ତିଙ୍କୁ କାଲିମେଳା ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯାଇଛି। ବନ୍ୟଜନ୍ତୁ ସୁରକ୍ଷା ଆଇନ-୧୯୭୨ ଅନୁଯାୟୀ ବିଭାଗୀୟ ପ୍ରକ୍ରିୟା ଓ ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରହିଛି।

ବନ୍ୟଜନ୍ତୁଙ୍କୁ ସୁରକ୍ଷା ଓ ଚୋରା ଚାଲାଣ ରୋକିବା ପାଇଁ ବନ ବିଭାଗର ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ସଫଳତା ଭାବେ ଦେଖାଯାଉଛି।

— Sukumar Mandal

ଚିରଞ୍ଜିତ ବାଲା ନିଯୁକ୍ତ, ଏମ୍‌ଭି-୭୯ ୟୁଥ୍ କ୍ଲବ୍ ପକ୍ଷରୁ ଶୁଭେଚ୍ଛା



ମାଲକାନଗିରି (୧୭/୧୧/୨୬): ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଚିରଞ୍ଜିତ ବାଲା (ଭିକି ଭାଇ)ଙ୍କୁ ମାଲକାନଗିରି ଜିଲ୍ଲା ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ତାଙ୍କର ଏହି ନୂତନ ନିଯୁକ୍ତିକୁ ନେଇ ଏମ୍‌ଭି-୭୯ ଅଞ୍ଚଳର ଯୁବକମାନଙ୍କ ମଧ୍ୟରେ ଖୁସି ଓ ଉତ୍ସାହର ମାହୋଲ ଦେଖିବାକୁ ମିଳିଛି।

ଚିରଞ୍ଜିତ ବାଲା ଅଞ୍ଚଳର ଯୁବକମାନଙ୍କ ସୁଖଦୁଃଖରେ ସର୍ବଦା ସାମିଲ ହେବା ସହ ବିଭିନ୍ନ ସମୟରେ ସେମାନଙ୍କୁ ସହଯୋଗ ଓ ସହାୟତାର ହାତ ବଢ଼ାଇ ଆସିଛନ୍ତି। ଏଥିପାଇଁ ସେ ଜଣେ ଯୁବବନ୍ଧୁ ଭାବେ ଅଞ୍ଚଳରେ ପରିଚିତ। ଯୁବକମାନଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଏବଂ ସାମାଜିକ କାର୍ଯ୍ୟରେ ସହଯୋଗ ମନୋଭାବ ତାଙ୍କୁ ଏକ ପରିଚିତ ଚେହେରା କରିପାରିଛି।

ତାଙ୍କର ନିଷ୍ଠା, ପରିଶ୍ରମ ଓ ଜନସାଧାରଣଙ୍କ ସହ ରହି କାର୍ଯ୍ୟ କରିବାର ମନୋଭାବ ଆଗାମୀ ଦିନରେ ଦଳୀୟ ସଂଗଠନକୁ ଜିଲ୍ଲାରେ ସୁଦୃଢ଼ କରିବା ସହ ଲୋକଙ୍କ ସମସ୍ୟା ଓ ଆଶାଆକାଂକ୍ଷାକୁ ଦଳୀୟ ସ୍ତରରେ ଉପସ୍ଥାପନ କରିବାରେ ସହାୟକ ହେବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

ଏହି ଅବସରରେ ଏମ୍‌ଭି-୭୯ ୟୁଥ୍ କ୍ଲବ୍ ପକ୍ଷରୁ ଚିରଞ୍ଜିତ ବାଲା (ଭିକି ଭାଇ)ଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି। ଏଥିସହ ତାଙ୍କର ନୂତନ ଦାୟିତ୍ୱ ସଫଳତାର ସହ ତୁଲାଇବା ପାଇଁ କ୍ଲବ୍‌ର ସଦସ୍ୟମାନେ ଶୁଭକାମନା ଜଣାଇଛନ୍ତି।

— Sukumar Mandal

ଜାତୀୟ ପ୍ରେସ୍ ଦିବସ ପାଳିତ: ସାମ୍ବାଦିକଙ୍କ ସୁରକ୍ଷା ଓ ନିରପେକ୍ଷ ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱ



ମାଲକାନଗିରି (୧୬/୧୧): ମାଲକାନଗିରି ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟସ୍ (ଏମ୍‌ୟୁଜେ) ପକ୍ଷରୁ ଆଜି ସ୍ଥାନୀୟ ଏମ୍‌ୟୁଜେ ଭବନରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ୟୁନିୟନର ସଭାପତି ଦେବ ପ୍ରସାଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଏସ୍‌ଡିପିଓ ଦିବ୍ୟରଞ୍ଜନ ଦଳେଇ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ।

ଏହି ଅବସରରେ ଅତିଥିମାନେ ଗଣମାଧ୍ୟମର ଗୁରୁତ୍ୱ ଓ ଦାୟିତ୍ୱବୋଧ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ସଦୃଶ କାର୍ଯ୍ୟ କରୁଥିବା ବେଳେ ନିରପେକ୍ଷ, ସତ୍ୟନିଷ୍ଠ ଓ ବାସ୍ତବ ଖବର ପରିବେଷଣ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ସେମାନେ କହିଥିଲେ। ଏଥିସହ ସମ୍ବାଦ ସଂଗ୍ରହ ସମୟରେ ସାମ୍ବାଦିକମାନେ ନିଜ ସୁରକ୍ଷା ପ୍ରତି ସଚେତନ ରହିବା ସହ ଜନସାଧାରଣଙ୍କ ସମସ୍ୟା ଓ ତାହାର ସମାଧାନ ଦିଗରେ ସହାୟକ ହେଉଥିବା ଖବରକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ।

ଏହାପରେ ୟୁନିୟନର ସମ୍ପାଦକ କାମରାଜ ଜେନା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ମାଲକାନଗିରି ଜିଲ୍ଲାରେ ଏମ୍‌ୟୁଜେ ସଂଗଠନର ଆରମ୍ଭରୁ ବର୍ତ୍ତମାନର ସ୍ଥିତି, ୟୁନିୟନ ଭବନ ନିର୍ମାଣ ଏବଂ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସଭାପତିଙ୍କ ସମେତ ବରିଷ୍ଠ ସାମ୍ବାଦିକମାନେ ନିଜ ନିଜର ମତ ରଖିଥିଲେ।

ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ ମାଥିଲି ବ୍ଲକର ଦୀନବନ୍ଧୁ ନାୟକ ଓ ଖଇରପୁଟ ବ୍ଲକର ଆନନ୍ଦ ଚାର୍କିଙ୍କୁ ନିଜ ନିଜ ବ୍ଲକର ସଭାପତି ଭାବେ ନିଯୁକ୍ତ କରାଯାଇଥିଲା। ସେହିପରି ଶରତ ଚନ୍ଦ୍ର ମହାରଣା ଓ ଈଶ୍ୱର ରାଓଙ୍କୁ ସାଙ୍ଗଠନିକ ସମ୍ପାଦକ ଭାବେ ଶପଥ ପାଠ କରାଯାଇଥିଲା।

କାର୍ଯ୍ୟକ୍ରମରେ ସଭାପତି ଦେବ ପ୍ରସାଦ ଦାସଙ୍କ ସହ ବରିଷ୍ଠ ସାମ୍ବାଦିକ ଭାସ୍କର ବେହେରା, ଶିବପ୍ରସାଦ କୀର୍ତ୍ତନିଆ, ଏ. ଈଶ୍ୱର ରାଓ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଜୀବନ ଦାସଙ୍କ ସମେତ ଜିଲ୍ଲାର ସାତଟି ବ୍ଲକର ସଭାପତି, ୟୁନିୟନର ବିଭିନ୍ନ କର୍ମକର୍ତ୍ତା ଓ ପ୍ରାୟ ୮୦ ଜଣ ସଦସ୍ୟ ଉପସ୍ଥିତ ଥିଲେ। ଶୁଭାଶିଷ କର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଈଶାକ ଖୋସଲା ଧନ୍ୟବାଦ ଅର୍ପଣ କରିଥିଲେ।

— Sukumar Mandal


ଲୋକସଂସ୍କୃତି ଗବେଷିକା ଡ଼. ଯାଜ୍ଞସେନୀ ପ୍ରଧାନୀଙ୍କ ଶିଶୁଦିବସରେ ଶିକ୍ଷାର୍ଥୀଙ୍କୁ ସୃଜନଶୀଳତା ବିକାଶଦିଗରେ ଉତ୍ସାହିତ l



ଲୋକସଂସ୍କୃତି ଗବେଷିକା ଡ଼. ଯାଜ୍ଞସେନୀ ପ୍ରଧାନୀଙ୍କ ଶିଶୁଦିବସରେ ଶିକ୍ଷାର୍ଥୀମାନଙ୍କୁ ସୃଜନଶୀଳତା ବିକାଶର ଉତ୍ସାହିତ l

କଳାହାଣ୍ଡି :-କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତେନ୍ତୁଳୀଖୁଣ୍ଟି ରେ ଶିଶୁଦିବସ ମହାସମାରୋହରେ ପାଳିତ ହୋଇଥିଲା l ଏହି ଅବସରରେ ଶିକ୍ଷାର୍ଥୀମାନଙ୍କୁ ସୃଜନଶୀଳ ଲିଖନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା l ଛାତ୍ରଛାତ୍ରୀମାନଙ୍କ ପ୍ରତିଭାକୁ ବିକଶିତ କରିବାପାଇଁ ଡ଼. ଯାଜ୍ଞସେନୀ ପ୍ରଧାନୀ ଲୋକସଂସ୍କୃତି ଗବେଷିକା ତଥା କବି ଏବଂ ପଲ୍ଲବୀ ରାଉତ ଯୁବ ସାହିତ୍ୟିକ ତଥା ଆଇ. ଆଇ. ଟି ଭୁବନେଶ୍ୱର ର ସ୍କୋଲାର ତଥା ଜବାହରଲାଲ ନେହରୁ ବିଶ୍ୱ ବିଦ୍ୟାଳୟର ପୁରାତନ ଛାତ୍ରୀ ଯୋଗ ଦେଇଥିଲେ l ସେମାନେ ଛାତ୍ରଛାତ୍ରୀମାନଙ୍କୁ ସୃଜନଶୀଳ ବିକାଶର ଉନ୍ନତିପାଇଁ କବିତା, ଗଳ୍ପ, ପ୍ରବନ୍ଧ ଏବଂ ଅନୁଚ୍ଛେଦ ଲେ

ଚତୁର୍ଥଶ୍ରେଣୀ ଉତ୍ତୀର୍ଣ୍ଣ ଯାନ୍ତ୍ରିକ ଦଳ ବଡ଼ଚଉଣ୍ଡା ।




ବୁଧବାର(ତାରିଖ/୧୧/୨୬)-ଏ୭ ତାରିଖ ସୁଦ୍ଧା ଚାଷୀମାନେ ଏହାର ଅମଳ ଶେଷ କରିବା ପାଇଁ ଚାଷୀମାନେ ଅତ୍ୟନ୍ତ ଚିନ୍ତିତ ଥିବା ଜଣାପଡିଛି । ଏହି ଅଞ୍ଚଳରେ ଏହି ଅମଳ ପାଇଁ ଅତିରିକ୍ତ ଶ୍ରମିକ ଅଭାବ ଏବଂ ଅମଳ ଯନ୍ତ୍ରପାତି ଉପରେ ଅତ୍ୟଧିକ ନିର୍ଭରଶୀଳତା ଯୋଗୁଁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଚାଷୀମାନେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କରିଛନ୍ତି । ଏହି ଦାବି ସମ୍ପର୍କରେ ଜିଲ୍ଲାପାଳଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ ।

— Gajendra Munda

CRIME

ଅଫିସ ଏକତ୍ରକ ମୃତ ଦଫତ ଉଦ୍ଧାର



ଦଫତ ଉଦ୍ଧାର ମାଧ୍ୟ ମଣ୍ଡିଆ ।

ଆଜୁଲ୍ୟୁ ଯଂଗ୍ରୁ ମିଲ୍ଲ୍ୟୁ ୍

*ସାଧାରଣ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଅଫିସ ଭିତରୁ ମୃତ ଦେହ ଉଦ୍ଧାର କରିଥିଲେ । ମୃତକ ଜଣେ ଅବସରପ୍ରାପ୍ତ ଶିକ୍ଷକ ବୋଲି ଜଣାପଡିଛି । ସେ ଦୀର୍ଘଦିନ ଧରି ଅସୁସ୍ଥ ଥିବା ସୂଚନା ମିଳିଛି । ଘଟଣାସ୍ଥଳରୁ ଏକ ସୁଇସାଇଡ ନୋଟ୍ ମଧ୍ୟ ଉଦ୍ଧାର କରାଯାଇଛି । ଏହି ନୋଟ୍‌ରେ ସେ ନିଜର ଅସୁସ୍ଥତା ପାଇଁ ଦୁଃଖ ପ୍ରକାଶ କରିଥିବା ଜଣାପଡିଛି । ଏହି ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

— Gajendra Munda

ଅଗ୍ନିକାଣ୍ଡରେ ୫ଟି ଦୋକାନ ଭସ୍ମୀଭୂତ



ଶନିବାର ରାତି ପ୍ରାୟ ୨ଟା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ଅଗ୍ନିଶମ ବାହିନୀର ୩ଟି ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁ ନିୟନ୍ତ୍ରଣକୁ ଆଣିଥିଲା । ତେବେ ଏହି ଅଗ୍ନିକାଣ୍ଡରେ ୫ଟି ଦୋକାନ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି । ଦୋକାନ ମାଲିକମାନେ ଏହି ଅଗ୍ନିକାଣ୍ଡରେ ପ୍ରାୟ ୩ ଲକ୍ଷ ଟଙ୍କାର କ୍ଷତି ହୋଇଥିବା ଦାବି କରିଛନ୍ତି । ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ଏହି ଅଗ୍ନିକାଣ୍ଡର ତଦନ୍ତ ଆରମ୍ଭ କରିଛି ।

— Gajendra Munda

ଅଗ୍ନିକାଣ୍ଡରେ ୫ଟି ଦୋକାନ ଭସ୍ମୀଭୂତ

ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ଜଳଛଡା ଦେଇ ନିଆଁ ନିୟନ୍ତ୍ରଣକୁ ଆଣିଥିଲା ।

ଡିଏନ୍‌କେ ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା। ସେଠାରେ ଜିଲ୍ଲା ପ୍ରଶାସନର ଅଧିକାରୀ, ସାମ୍ବାଦିକ ଏବଂ କ୍ରୀଡ଼ା ଛାତ୍ରାବାସର ଛାତ୍ରମାନେ ମିଳିତ ଭାବେ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିଲେ। ମନ୍ଦିର ପରିସରରେ ଥିବା ଅନାବନା ଗଛ, ଘାସ ଏବଂ ଏଣେତେଣେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ, ପଲିଥିନ ଓ କାଗଜ ଆଦି ସଫା କରାଯାଇଥିଲା। ଏଥିସହ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ମନ୍ଦିର ପରିସର ସ୍ୱଚ୍ଛ ରଖିବା ସହ ଆବର୍ଜନା ଏଣେତେଣେ ନ ପକାଇବାକୁ ସଚେତନ କରାଯାଇଥିଲା।

ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ପୂର୍ବତନ ବିଧାୟକ ତଥା ବିଜେଡି ଜିଲ୍ଲା ସଭାପତି ମାନସ ମାଡକାମୀ, ଅଧ୍ୟାପକ ଡଃ. ରଞ୍ଜନ କୁମାର ସ୍ୱାଇଁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନ୍ନା ତୁରୁକ, ଏମ୍‌ୟୁଜେ ସଭାପତି ଦେବ ପ୍ରସାଦ ଦାସ, ସମ୍ପାଦକ କାମରାଜ ଜେନା, ସଦର ବ୍ଲକ ସଭାପତି ଶିବ ପ୍ରସାଦ କୀର୍ତ୍ତନିୟା ଏବଂ ବରିଷ୍ଠ ସାମ୍ବାଦିକ ଭାସ୍କର ବେହେରାଙ୍କ ସମେତ ଏମ୍‌ୟୁଜେର ୫୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଉପସ୍ଥିତ ଥିଲେ।

ଏହି ଅଭିଯାନ ମାଧ୍ୟମରେ ସ୍ୱଚ୍ଛତା କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ ବୋଲି ଏକ ସଚେତନତାର ବାର୍ତ୍ତା ଦିଆଯାଇଥିଲା।

— Sukumar Mandal

ଚିକିତ୍ସାଳୟରେ ୮ ନୂତନ ଡାକ୍ତର ନିଯୁକ୍ତ, ବିଧାୟକ ଶ୍ରୀ ନରସିଂହ ମାଡ଼କାମିଙ୍କୁ ସାଧାରଣରେ ପ୍ରଶଂସା



ମାଲକାନଗିରି, ୧୬ ନଭେମ୍ବର: ଦୀର୍ଘଦିନର ଡାକ୍ତର ଅଭାବ ସମସ୍ୟାର ସମାଧାନ ଦିଗରେ ମାଲକାନଗିରି ଜିଲ୍ଲାବାସୀଙ୍କୁ ମିଳିଛି ଆଶ୍ୱସ୍ତି। ମାଲକାନଗିରି ବିଧାୟକ ନରସିଂହ ମାଡକାମୀଙ୍କ ଉଦ୍ୟମ ଫଳରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୮ ଜଣ ନୂତନ ଡାକ୍ତର ନିଯୁକ୍ତି ପାଇଛନ୍ତି। ଏହି ନିଯୁକ୍ତି ଫଳରେ ଜିଲ୍ଲାର ସ୍ୱାସ୍ଥ୍ୟସେବା ଅଧିକ ସୁଦୃଢ଼ ହେବା ନେଇ ଆଶା ପ୍ରକାଶ ପାଇଛି।

ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାକୁ ଗୁରୁତ୍ୱ ଦେଇ ବିଧାୟକ ନରସିଂହ ମାଡକାମୀ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତ କରି ଜିଲ୍ଲାରେ ଡାକ୍ତର ନିଯୁକ୍ତି ପାଇଁ ଦାବି ଜଣାଇଥିଲେ। ଏଥିସହ ରାଜ୍ୟ ସରକାରଙ୍କ ନିକଟରେ ମଧ୍ୟ ଏହି ସମସ୍ୟା ଉପସ୍ଥାପନ କରିଥିଲେ।

ବିଧାୟକଙ୍କ ଉଦ୍ୟମ ପରେ ନୂତନ ଭାବେ ନିଯୁକ୍ତ ୮ ଜଣ ଡାକ୍ତର ଚିକିତ୍ସାଳୟରେ ଯୋଗଦେଇଛନ୍ତି। ଏହି ଅବସରରେ ବିଧାୟକ ମାଡକାମୀ ଚିକିତ୍ସାଳୟରେ ପହଞ୍ଚି ନବନିଯୁକ୍ତ ଡାକ୍ତରମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ଜିଲ୍ଲାବାସୀଙ୍କୁ ଉତ୍ତମ ଓ ନିଷ୍ଠାପର ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଆହ୍ୱାନ ଜଣାଇଥିଲେ।

ଅନୁପମ ଜେନା (ମେଡିସିନ୍), ଡାକ୍ତର ଦେବଦାସ ସାମନ୍ତରାୟ (ଫୋରେନସିକ୍ ମେଡିସିନ୍), ଡାକ୍ତର ପ୍ରିୟରଞ୍ଜନ ସେଠୀ (ଅସ୍ଥିଶଲ୍ୟ), ଡାକ୍ତର ତପସ ରଞ୍ଜନ ପଣ୍ଡା (ଶଲ୍ୟ ଚିକିତ୍ସା), ଡାକ୍ତର ଅଭିଷେକ ମହାନ୍ତି (ରେଡିଓଡାଏଗ୍ନୋସିସ୍), ଡାକ୍ତର ପ୍ରବୀଣ କୁମାର ସାହୁ (ଚର୍ମ ଓ ଯୌନରୋଗ), ଡାକ୍ତର ଶ୍ରୀକୃଷ୍ଣ ମଣ୍ଡଳ (ମେଡିସିନ୍) ଏବଂ ଡାକ୍ତର ଅନସାରୀ ମାଝୀ (ଶିଶୁରୋଗ)।

ଏହି ନିଯୁକ୍ତି ଫଳରେ ମେଡିସିନ୍, ଅସ୍ଥିଶଲ୍ୟ, ଶଲ୍ୟ ଚିକିତ୍ସା, ରେଡିଓଡାଏଗ୍ନୋସିସ୍, ଚର୍ମ ଓ ଯୌନରୋଗ ଏବଂ ଶିଶୁରୋଗ ଭଳି ବିଭିନ୍ନ ବିଭାଗରେ ଚିକିତ୍ସାସେବା ଅଧିକ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି। ଡାକ୍ତର ନିଯୁକ୍ତି ଖବରରେ ଜିଲ୍ଲାବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଥିବା ବେଳେ ବିଧାୟକଙ୍କ ଏହି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି।

— Sukumar Mandal